## ହରିଣ ଶିଙ୍ଗ, ଛାଲ ଜବତ: ଜଣେ ଗିରଫ

ଖଣ୍ଡପଡ଼ା,(ସ୍ୱ.ପ୍ର.)-ବନ୍ୟଜନ୍ତୁ ଶିକାର ଅଭିଯୋଗରେ ବନ ବିଭାଗ କର୍ମଚାରୀମାନେ ଖଣ୍ଡପଡ଼ାର ହାଲୁ ପଲେଇଙ୍କୁ ଶନିବାର ଗିରଫ କରିଛନ୍ତି। ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର ସଦଳବଳ ତାଙ୍କ ଘରେ ଚଢ଼ାଉ କରି ହରିଣ ସିଂଘ, ଛାଲ ଜବତ କରିବା ସହ କୁଟୁରା ମାଂସକୁ ଜବତ କରିଛନ୍ତି । ଜବତ ମାଂସ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବିଭାଗୀୟ ଅଧିକାରୀ କହିଛନ୍ତି ।

## ଆଜି କ'ଣ କେଉଁଠି

**ଧର୍ମଶାଳା**
- ଧର୍ମଶାଳା ମହାବିଦ୍ୟାଳୟର ମୋ କଲେଜ ଅଭିଯାନ, କଳପତରୁ ଦାସ ଷ୍ଟାଡିୟମ, ଜାରକା, ଅପରାହ୍ନ ୪ଟା ।

**ତିର୍ତ୍ତୋଲ**
- ୩ ଦିନିଆ ଶ୍ରୀ ଅରବିନ୍ଦ ପାଠ୍ୟଚକ୍ର ଶିବିର ଉଦ୍‌ଘାଟନ, ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ପରିସର, ସନ୍ଧ୍ୟା ୬ଟା ୩୦ ମିନିଟ ।
- ଯୁବ ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଆନନ୍ଦ ମଣ୍ଡପ ପରିସର, ସରଣୀ ଛକ, ସକାଳ ୧୦ଟା

**କେନ୍ଦ୍ରାପଡ଼ା**
- ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ- କୋଇଲିପୁର ପଞ୍ଚାୟତ ଅଫିସ, ରାଜନଗର, ସମୟ- ପୂର୍ବାହ୍ନ ୯ଟା ।

**ଓଡ଼ଗାଁ**
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଓ ଅନ୍ନଯଜ୍ଞ, ସ୍ଥାନ-ଭଗବତୀପ୍ରସାଦ, ସମୟ- ପୂର୍ବାହ୍ନ ୭ଟା

# '୫-ଟି'ରେ ସାମିଲ ହେଲା ୧୦ ହାଇସ୍କୁଲ

**ଜଗତ୍‌ସିଂହପୁର ଅଫିସ, ୨୦।୩**



୫-ଟି ସଚିବଙ୍କ ଭିଡିଓ କନ୍‌ଫରେନ୍ସିଂରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

- ସ୍ମାର୍ଟ ଶ୍ରେଣୀ , ଇ-ଲାଇବ୍ରେରୀ, ଉନ୍ନତ ମାନର ବିଜ୍ଞାନ ପରୀକ୍ଷାଗାର ହେବ
- ପିଲାଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦିଆଯିବ
- ଆଇଆଇଟି, ଇଞ୍ଜିନିୟରିଂ, ମେଡ଼ିକାଲ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ

ଜଗତ୍‌ସିଂହପୁର ଜିଲାର ୧୦ଟି ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ)କୁ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡିକ ହେଲା ବାଲିକୁଦା ବ୍ଲକର ବୋରିକିନା ଉଚ୍ଚ ବିଦ୍ୟାଳୟ, ଏରସମା ବ୍ଲକ ଗୋଡ଼ାର ବି.ବି. ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକ ଗୋରଡ଼ର ସରକାରୀ ଉଚ୍ଚ ବିଦ୍ୟାଳୟ, ଭୂତମୁଣ୍ଡାଇସ୍ଥିତ ପାରାଦୀପ ପୋର୍ଟ ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲର ଏସ୍‌ଏସ୍ ଏକାଡେମୀ, କନକପୁରର ଶାରଦା ଏକାଡେମୀ, ଗୋପାଳପୁର(ସ)ରେ ଥିବା ଭଗିନୀ ନିବେଦିତା ବିଦ୍ୟାପୀଠ, ଆମ୍ବେରୀସ୍ଥିତ ପତିତପାବନ ଉଚ୍ଚ ବିଦ୍ୟାଳୟ, ନାଉଗାଁ ବ୍ଲକର ଅଲଣାହାଟ ଉଚ୍ଚବିଦ୍ୟାଳୟ ଓ ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ମାର୍କଣ୍ଡପୁରସ୍ଥିତ ବୃନ୍ଦାବନ ବିଦ୍ୟାପୀଠ। ଓସ୍ୱାନ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କେ. ପାଣ୍ଡିଆନ୍ ଏହି ଉଚ୍ଚ ବିଦ୍ୟାଳୟଗୁଡିକର ନାଁ ଘୋଷଣା କରିଛନ୍ତି। ସରକାରଙ୍କ ଯୋଜନା ଅନୁଯାୟୀ ଉପରୋକ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ସ୍ମାର୍ଟ ଶ୍ରେଣୀ କକ୍ଷ, ଇ-ଲାଇବ୍ରେରୀ, ସ୍ୱଚ୍ଛ ନିରାପଦ ପାନୀୟ ଜଳ, ଉନ୍ନତ ମାନର ଶୌଚାଳୟ, ପୋଷଣ ଉଦ୍ୟାନ, କମ୍ପ୍ୟୁଟର ଜ୍ଞାନ କୌଶଳ ବୃଦ୍ଧି ପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ଗବେଷଣାଗାରର ଦକ୍ଷତା ବୃଦ୍ଧି, ଉନ୍ନତ ମାନର ବିଜ୍ଞାନ ପରୀକ୍ଷାଗାର ସ୍ଥାପନ ଆଦିକୁ ଅଗ୍ରାଧିକାର ଦିଆଯିବ। ଏଠାରେ ପିଲାମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ପାଇଁ ଚେଷ୍ଟା କରାଯିବ। ଷ୍ଟେମ୍ ସଂସ୍ଥା, ସୁପର-୩୦ ଅନୁଷ୍ଠାନ ସହ ଉଚ୍ଚ ବିଦ୍ୟାଳୟଗୁଡିକୁ ଯୋଡ଼ାଯିବ। ଉପରୋକ୍ତ ସଂସ୍ଥାରୁ ଛାତ୍ରୀଛାତ୍ରମାନେ ଆଇଆଇଟି, ଇଞ୍ଜିନିୟରିଂ, ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ପାଇପାରିବେ। ବିଭିନ୍ନ ବିଷୟରେ ରାଜ୍ୟ ତଥା ଦେଶର ଦକ୍ଷତା ହାସଲ କରିଥିବା ବିଶେଷଜ୍ଞମାନଙ୍କ ଦ୍ୱାରା ଶ୍ରେଣୀରେ ଶିକ୍ଷା ଦିଆଯିବ । ରାଜ୍ୟର ଇଂଲିଶ୍, ଗଣିତ ଓ ବିଜ୍ଞାନର ସ୍ୱନାମଧନ୍ୟ ଶିକ୍ଷକମାନଙ୍କୁ ନେଇ ବିଷୟ ବିଶେଷଜ୍ଞ ଗ୍ରୁପ୍ ପ୍ରସ୍ତୁତ କରାଯିବ। ଇଂଲିଶ୍ କହିବାରେ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କୁ ସ୍ପୋକନ୍ ଇଂଲିଶ୍ ଶିକ୍ଷା ଦିଆଯିବ। ପାରମ୍ପରିକ ଲୋକକଳା, ନୃତ୍ୟ, ସଙ୍ଗୀତ ଆଦିରେ ଭଲ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ତଥା ଦେଶର ଧୁରୀଣ ପ୍ରଶିକ୍ଷକମାନେ ଶିକ୍ଷା ଦେବେ। କ୍ୟାରିୟର କାଉନ୍‌ସେଲିଂ ଉପରେ ଗୁରୁତ୍ୱ ଦିଆଯିବ। ଭାଷଣରେ ଦକ୍ଷତା ବୃଦ୍ଧି ପାଇଁ ବଛାବଛା ପ୍ରେରଣାଦାୟୀ ଭାଷଣ ପ୍ରଦାନକାରୀଙ୍କ ସହ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଯୋଡି ହେବେ। ନିୟମିତଭାବେ ଏସବୁ କାର୍ଯ୍ୟକ୍ରମର ତଦାରଖ କରାଯିବ। ଏସବୁ ପାଇଁ ଉତ୍ତରଦାୟୀ ଜିଲା ପ୍ରଶାସନ ରହିବ ବୋଲି ୫-ଟି ସଚିବ କହିଥିଲେ। ଏହି ଭିଡିଓ କନ୍‌ଫରେନ୍ସ ସମୟରେ ପାଣ୍ଡିଆନ୍‌ଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍, ଅତିରିକ୍ତ ସଚିବ ରୂପା ରୋଶନ ସାହୁ ଉପସ୍ଥିତ ଥିଲେ । ଜିଲାସ୍ତରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ପ୍ରସାଦ ଲେଙ୍କା, ତିର୍ତ୍ତୋଲ, କୁଜଙ୍ଗ, ଏରସମା, ବାଲିକୁଦା ଓ ନାଉଗାଁ ବିଡିଓଙ୍କ ସମେତ ମନୋନୀତ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ, ପୁରାତନ ଛାତ୍ର ସଂଘର ପ୍ରତିନିଧି ଓ ସମ୍ପୃକ୍ତ ଅଞ୍ଚଳର ଲୋକ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୩ୟ ଓ ଉପକୂଳ ଓଡ଼ିଶାର ପ୍ରଥମ ଜିଲା ଭାବେ ଜଗତ୍‌ସିଂହପୁରରେ ବିଦ୍ୟାଳୟ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଭାଜପାର ୮ ଦଫା ଦାବିପତ୍ର

**ଏରସମା,୨୦।୩ (ସ୍ୱ.ପ୍ର.)**

ଏରସମା ବ୍ଲକ ଭାଜପା ପକ୍ଷରୁ ଶନିବାର ଖବରଦତା ସମ୍ମିଳନୀ ଆୟୋଜନ କରାଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରାଯାଇଛି। ଦାବିଗୁଡିକ ହେଲା ଅଭାବୀ ଧାନ ବିକ୍ରି ରୋକିବା ପାଇଁ ମଣ୍ଡି ଦ୍ୱାରା କ୍ରୟ କରିବା, ସରକାରୀ କାର୍ଯ୍ୟାଳୟର ଅବ୍ୟବସ୍ଥା ଦୂର କରିବା, ଏରସମା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନିଯୁକ୍ତି, ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦୂର କରିବା, ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ କରିବା, ଏମ୍‌ଜିଏନ୍‌ଆରଇଜିଏସ୍ ହେଉଥିବା ଦୁର୍ନୀତିର ତଦନ୍ତ, ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ ପ୍ରଚାର କରିବାରୁ ନିବୃତ ହେବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ନୃସିଂହ ସାହୁ, ଭାଜପା ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ନିର୍ଲିପ୍ତ ଜେନା, ତପନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କାର ସହ ୧୩୪ କେଜି ଗଞ୍ଜେଇ ଜବତ

ନୟାଗଡ଼ ଅଫିସ,୨୦।୩- ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ତ୍ରିନାଥ ବଜାରରୁ ଶନିବାର ଅପରାହ୍ନରେ କାର ସହ ୧୩୪ କେଜି ଗଞ୍ଜେଇ ଜବତ ହୋଇଛି । ଦଶପଲ୍ଲା ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଫୁଲବାଣୀରୁ କାରରେ ଏହି ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେଉଥିଲା । ଖବର ପାଇ ଦଶପଲ୍ଲା ପୋଲିସ ଯାଞ୍ଚ ପାଇଁ କାରକୁ ଅଟକାଇ ଥିଲା । ହେଲେ ଚାଳକ କାର ନେଇ ପଳାଇ ଯାଇଥିଲେ। ପୋଲିସ ପିଛା କରିବା ପରେ ଗଞ୍ଜେଇ ମାଫିଆମାନେ କାର ଛାଡି ପଳାଇ ଯାଇଥିବା ଆଇଆଇସି କିରଣ ହେମ୍ବ୍ରମ କହିଛନ୍ତି ।

### ୧୨ ବଖରା ଜଳିଗଲା



ଦଶପଲ୍ଲା,୨୦।୩ (ଡି.ଏନ.ଏ.)-ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ପଞ୍ଚାୟତ ମେଘମାଳ ସାହିରେ ଅଗ୍ନିକାଣ୍ଡ ଘଟି ୧୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ୭ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ଯାଇଛି । ନିଆଁ ଲାଗିବାର କାରଣ ଜଣାପଡିନାହିଁ । ଦଶପଲ୍ଲା ଦମକଳ କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ଥାନା ଆଗରେ ମହିଳାଙ୍କ ଧାରଣା


ଥାନା ଆଗରେ ମହିଳାମାନେ ଧାରଣା ଦେଇଛନ୍ତି।

**କୁଜଙ୍ଗ, ୨୦।୩(ଡି.ଏନ୍.ଏ)**

- ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ
- କୋର୍ଟରେ ସ୍ଥଗିତାଦେଶ

କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା (ପାରେଶ୍ୱରପୁର) ଗ୍ରାମରେ ହନୁମାନଜୀଉ ଠାକୁରଙ୍କ ଜାଗାରେ ମିଶନଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଉପରେ କୁଜଙ୍ଗ ସିଭିଲ ଜର୍ଜ କୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୋଲିସ କାର୍ଯ୍ୟ ବନ୍ଦ କରିବାରୁ ୧୧ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳମାନେ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅଭିଯୋଗ ଅନୁଯାୟୀ, ପାରେଶ୍ୱରପୁର ଗ୍ରାମରେ ମିଶନ ଶକ୍ତି ଗୃହ ନିର୍ମାଣ ନିମନ୍ତେ ସରକାର ଆମ ଗାଁ ଆମ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ହନୁମାନଜୀଉଙ୍କ ନାମରେ ଥିବା ୧୮ ଡିସିମିଲ ଜମିରୁ ୨ ଡିସିମିଲ ଜାଗାରେ ମିଶନ ଶକ୍ତି ଗୃହ ନିର୍ମାଣ ଚାଲିଛି। ଠାକୁରଙ୍କ ଜମିର ମାର୍ଫତଦାର ପ୍ରଦ୍ୟୋତ ମହାପାତ୍ର ଏନେଇ ଲିଖିତ ଅନୁମତି ପ୍ରଦାନ କରିଛନ୍ତି। ଏଥିସହ କୁଜଙ୍ଗ ବିଡିଓ ଏବଂ ତହସିଲଦାର ସହମତି ପ୍ରଦାନ କରିଛନ୍ତି। ତେବେ ଛାତ ପଡ଼ିବା ପୂର୍ବରୁ ଗାଁର ଗୁଣନିଧି ଦାସ, ଦିଲୀପ ଦାସ, ପ୍ରୀତିରଞ୍ଜନ ମହାରଣା, କୈଳାସ ଦାସ ପ୍ରମୁଖ ଗୃହ ନିର୍ମାଣକୁ ବେଆଇନ ବୋଲି ଦର୍ଶାଇ କୁଜଙ୍ଗ ସିଭିଲ ଜର୍ଜକୋର୍ଟରେ ସ୍ଥଗିତାଦେଶ ପାଇଁ ଆବେଦନ କରିଥିଲେ। ଏହାପରେ ପୋଲିସ ନିର୍ମାଣ କାର୍ଯ୍ୟ ସ୍ଥଗିତ କରିଛି । ଏହାକୁ ବିରୋଧ କରି ମେନକା ଦାସ, ବଞ୍ଚୁ ଦାସ, ରିନୁ ଦାସ, ସୀତା ଦାସଙ୍କ ସମେତ ବହୁ ମହିଳା ଧାରଣା ଦେଇଥିଲେ। ଥାନା ଅଧିକାରୀ ପାରାଓ ଟୁଡୁ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ରାଜ୍ୟସ୍ତରୀୟ ତାଲିମ ଶିବିର

**ନୟାଗଡ଼ ଅଫିସ,୨୦।୩**

ଭାରତୀୟ ରେଡ଼କ୍ରସ ସୋସାଇଟ୍ ଓଡ଼ିଶା ଶାଖା ଆନୁକୂଲ୍ୟରେ ସୋଲପଟା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ରେଡକ୍ରସ କାଉନସିଲର ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୋଲପଟା ସରପଞ୍ଚ ସୁଶାନ୍ତ କୁମାର ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପୂର୍ବତନ ଶାରୀରିକ ଶିକ୍ଷା ପରିଦର୍ଶକ ତ୍ରିନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁବେର ନାୟକ ଅତିଥି ରୂପେ ଯୋଗ ଦେଇଥିଲେ । ଜୁନିୟର ରେଡ଼କ୍ରସ, ବନ୍ଧୁତା, ସ୍ୱାସ୍ଥ୍ୟ ସେବା ଉପରେ ଜିଲା ଶାରୀରକ ଶିକ୍ଷା ପରିଦର୍ଶକ ପ୍ରକାଶ ଚରଣ ସାନ୍ତ, ଶିଶୁ ସୁରକ୍ଷା ଅଧିକାରୀ ଶୈଳବାଳା ଦାସ, ବିଜୟ ମହାପାତ୍ର, ଅଶୋକ ପ୍ରଧାନ ଆଲୋଚନା କରିଥିଲେ। ସୋଲପଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଜା ଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ଚୋରକୁ ଛାଡ଼ିଦେଲା ପୋଲିସ

**କୁଜଙ୍ଗ,୨୦।୩ (ଡି.ଏନ୍.ଏ.)**

କୁଜଙ୍ଗଥାନା ଜଗନ୍ନାଥପୁର ଗ୍ରାମର ଦେବେନ୍ଦ୍ର ସାହୁ ଶନିବାର ପରିବା କିଣୁଥିବା ବେଳେ ଜଣେ ଯୁବକ ତାଙ୍କ ମୋବାଇଲ ଚୋରି କରିବାକୁ ଉଦ୍ୟମ କରିଥିଲେ। ସେ ସମ୍ପୃକ୍ତ ଯୁବକଙ୍କୁ ଧରିପକାଇବା ସହ ପୋଲିସ ଜିମା ଦେଇଥିଲେ। ମାତ୍ର ପୋଲିସ ନାବାଳକ ଦର୍ଶାଇ ସମ୍ପୃକ୍ତ ଯୁବକଙ୍କୁ ଛାଡି ଦେଇଥିଲା। ଏସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି, ଅଭିଯୁକ୍ତ ଜଣକ ଆଇନ ଅନୁଯାୟୀ ନାବାଳକ ହୋଇଥିବାରୁ ତାଙ୍କୁ ଥାନାରେ ଅଟକ ନ ରଖି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# କୃତ୍ରିମ ବସାରେ ଘରଚଟିଆ

**ନୟାଗଡ଼ ଅଫିସ,୨୦।୩**

## ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଦମ୍ପତି



ଆଉ କେଉଁଠି ଚାଳଛପର ଘର ଦେଖିବାକୁ ମିଳୁନାହିଁ । ସେଥିପାଇଁ ଘରଚଟିଆଙ୍କ ବସା ଉଜୁଡ଼ି ଯାଇଛି । ଏହି କାରଣରୁ ଘରଚଟିଆଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏବେ ବାସହରା ଘରଚଟିଆ କୃତ୍ରିମ ବସାକୁ ଆପଣେଇ ନେଲେଣି। ପରିବେଶ ଓ ପରିସ୍ଥିତି ସହିତ ଖାପଖୁଆଇ ବଞ୍ଚିବାକୁ ଉଦ୍ୟମ କରୁଥିବା ଏହି କୁନି ପକ୍ଷୀମାନଙ୍କ ପାଇଁ ସାହାରା ସାଜିଛନ୍ତି ନୟାଗଡ଼ ଜିଲା ଗୋଡିପଡ଼ାର ଆଦିତ୍ୟ କୁମାର ଦାଶ ଓ ତାଙ୍କ ସ୍ତ୍ରୀ ସଂଘମିତ୍ରା। ତାଙ୍କ ଉଦ୍ୟମରେ ଘରଚଟିଆଙ୍କ ବଂଶ ବୃଦ୍ଧି ଘଟୁଛି ବୋଲି ସେମାନେ ଦାବି କରିଛନ୍ତି । ନୟାଗଡ଼ ଜିଲାରୁ ଘରଚଟିଆଙ୍କ ସଂଖ୍ୟା ଲୋପ ପାଇଯିବାକୁ ବସିଛି । ଏପରି ପକ୍ଷୀଙ୍କ ବଂଶବୃଦ୍ଧି ପରିବେଶ ପାଇଁ ଜରୁରୀ ବୋଲି ସମ୍ପୃକ୍ତ ଦମ୍ପତି କହିଛନ୍ତି।

ଦିନକୁ ଦିନ ଜଙ୍ଗଲ ପରିସୀମା ହ୍ରାସ ପାଉଛି । ଚାଳଛପର ଘର ବଦଳରେ ପକ୍କା ଘର ସଂଖ୍ୟା ବଢ଼ିଛି । ଚାଷ କାମରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉଛି। ପେଟ୍ରୋଲ, ଡିଜେଲ ଧୂଆଁ, ଯାନବାହନର ହର୍ନ, ମୋବାଇଲ ଟାୱାରର ବିକିରଣ ପରି ଏକାଧିକ କାରଣ ଘରଚଟିଆଙ୍କ ପାଇଁ କାଳ ହୋଇଛି । ଏଥିପାଇଁ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି । ଏପରି ପରିସ୍ଥିତିରେ ନୟାଗଡ଼ ଜିଲାର ବିଭିନ୍ନ ଗାଁରେ କୃତ୍ରିମ ବସାରେ ଘରଚଟିଆଙ୍କ ରହିବାର ବ୍ୟବସ୍ଥା କରିଛନ୍ତି ଏହି ଦମ୍ପତି। ଆଦିତ୍ୟ ଓ ସଂଘମିତ୍ରାଙ୍କ ଏହି ଅଭିଯାନ ୨୦୧୭ରୁ ଆରମ୍ଭ ହୋଇଥିଲା । ସେମାନେ କାର୍ଡବୋର୍ଡରେ ଘରଚଟିଆଙ୍କ ପାଇଁ ଏକ କୃତ୍ରିମ ବସା ତିଆରି କରିଥିଲେ । ସେହି ବସାକୁ ନୟାଗଡ଼ ବ୍ଲକ ନାଗମୁଣ୍ଡଳୀରେ ପ୍ରଥମେ ସ୍ଥାପନ କରିଥିଲେ। ସେହି ବସାକୁ ଘରଚଟିଆମାନେ ଗୋଟିଏ ପରେ ଗୋଟିଏ ଆସି ରହିଥିଲେ । ଏହି ସଫଳତା ପରେ ଉକ୍ତ ଦମ୍ପତି ମାଠିଆ ଓ କାଠବାକ୍ସରେ କୃତ୍ରିମ ବସା ତିଆରି କରି ବିଭିନ୍ନ ସ୍ଥାନରେ ଲଗାଇଥିଲେ। ଏ ସଂକ୍ରାନ୍ତରେ ଆଦିତ୍ୟ ଓ ସଂଘମିତ୍ରା କୁହନ୍ତି, ଆମେ ଏପରି କୃତ୍ରିମ ବସା ଖଣ୍ଡପଡ଼ା ବ୍ଲକର ଶିଖରପୁର, ଓଡ଼ଗାଁ ବ୍ଲକର ଗୋଡିପଡ଼ା ଓ ସାନକୁଟୁଣୀ, ରଣପୁର ବ୍ଲକର ତଲାରୀବନ୍ଧ, ନୂଆଗାଁ ବ୍ଲକର ଡେଙ୍କେଣା, ନୟାଗଡ଼ ସହରର ମିଶ୍ର କଲୋନୀ, ଲକ୍ଷ୍ମୀ ବଜାର, ମୁକ୍ତାପୁରରେ ଝୁଲାଇଥିଲୁ। ଏବେ ମୁକ୍ତାପୁରରେ ୨୦୦, ଖଣ୍ଡପଡା ଶିଖରପୁରରେ ୩୦୦, ଗୋଡିପଡ଼ାରେ୧୫୦, ଉମସାହି ତଲାରିବନ୍ଧରେ ୧୦୦, ଭାଟସାହିରେ ୧୧୦, ନୟାଗଡ଼ ସହର ମିଶ୍ର କଲୋନୀରେ ୮୦, ଦେବୋତ୍ତର କଲୋନୀ ୫ମ ଲେନ୍‌ରେ ୬୦, ଛାୟାପଥ ଲେନରେ ୧୦ ଘରଚଟିଆ ରହିଲେଣି । କୃତ୍ରିମ ବସାକୁ ଏହି ପକ୍ଷୀମାନେ ଆପଣେଇ ନେଇଥିବାରୁ ସେମାନଙ୍କ ସଂଖ୍ୟା ବି ବଢ଼ି ଚାଲିଛି। ବେସରକାରୀ ଭାବେ ଚାଲିଥିବା ଏହି ପ୍ରୟାସକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଗ୍ରୀନ୍ ଆର୍ଥ ଅନୁଷ୍ଠାନ ମାଧ୍ୟମରେ ଘରଚଟିଆଙ୍କ ବଂଶବୃଦ୍ଧି ଚାଲିଥିବାବେଳେ ଜିଲା ସାରା ଏଥିପାଇଁ ଉଦ୍ୟମ ଜାରି ରହିବ ବୋଲି ଆଦିତ୍ୟ ଓ ସଂଘମିତ୍ରା କହିଛନ୍ତି ।

# ୧୧୨ ନମ୍ବର ସେବା ଉଦ୍‌ଘାଟନ

**ଜଗତ୍‌ସିଂହପୁର ଅଫିସ, ୨୦।୩**

ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବା ପାଇଁ ୧୧୨ ନମ୍ବରକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଏହାର କିଛି ସମୟ ପରେ ଜଗତ୍‌ସିଂହପୁର ଜିଲା ପୋଲିସ ପକ୍ଷରୁ ଏସ୍‌ପି ପ୍ରକାଶ ଆର୍ ଜରୁରୀ ପୋଲିସ ସେବା ଯୋଗାଇ ଦେବା ପାଇଁ ୧୧୨ ନମ୍ବରକୁ ଉଦ୍‌ଘାଟନ କରିଛନ୍ତି । ଏନେଇ ଜିଲା ପୋଲିସ କାର୍ଯ୍ୟାଳୟରେ ୩ ବାଇକ୍ ଓ ଗୋଟିଏ ୪ ଚକିଆ ଗାଡ଼ିକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି । ଏଗୁଡ଼ିକ ସହ ଅଗ୍ନିଶମ ବାହିନୀର ଏକ ଗାଡ଼ିକୁ ପତାକା ଦେଖାଇ ଏସ୍‌ପି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଜଗତ୍‌ସିଂହପୁର ପୌରାଞ୍ଚଳରେ ଏହି ସେବା ଉପଲବ୍ଧ ହେବ। ତାପରେ ଜିଲାର ଅନ୍ୟ ସହରାଞ୍ଚଳରେ ଏହି ସେବା ମିଳିପାରିବ ବୋଲି ଏସ୍‌ପି କହିଛନ୍ତି ।

# ଲୋକଙ୍କୁ ସଜାଗ କରୁଥିଲେ ନାଥ ସମ୍ପ୍ରଦାୟ

**କେନ୍ଦ୍ରାପଡ଼ା ଅଫିସ, ୨୦।୩**

ନାଥ ଏକ ସଂପ୍ରଦାୟ ନୁହେଁ ବରଂ ସାମାଜିକ ଆନ୍ଦୋଳନର ବାର୍ତ୍ତାବହ । ଗୁରୁ ମତ୍ସେନ୍ଦ୍ର ନାଥ, ଗୋରଖ ନାଥ ପରି ମହାନ ବ୍ୟକ୍ତି ଲୋକଙ୍କ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି । ସ୍ୱର୍ଶ ଚିକିତ୍ସା ହେଉ ଅଥବା ସମାଜରେ ଶାନ୍ତି ଶୃଙ୍ଖଳା ବାର୍ତ୍ତା ଦେଇ ନାଥ ସଂପ୍ରଦାୟ ଅତୀତରେ ଶ୍ରଦ୍ଧା ଭାଜନ ହୋଇଛନ୍ତି ବୋଲି ଅତିଥିମାନେ ମତ ଦେଇଛନ୍ତି । ମାର୍ଶାଘାଇ ପୁରୁଷୋତ୍ତମପୁରସ୍ଥ ଭାଗବତ ମଠ ପରିସରରେ ସାଇନାଥ କଳା ପରିଷଦ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା । ପରିଷଦର ସଭାପତି ସୁବ୍ରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନାଥ ସଂପ୍ରଦାୟ ଓ ସାଂପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଅତିଥି ବକ୍ତା ଭାବେ କଳାକାର ଗଗନ ବିହାରି ସିଂ, କ୍ଷୀରୋଦ କୁମାର ନାଥ, ପ୍ରସନ୍ନ କୁମାର ନାଥ, ଭଞ୍ଜକିଶୋର ମହାରଣା,ଅଜୟ କୁମାର ନାଥ, ନିରଞ୍ଜନ ନାଥ, ଦିଲ୍ଲୀପ ନାଥ, ଉମାକାନ୍ତ ନାଥ ଯୋଗ ଦେଇଥିଲେ । ନାଥ ସମ୍ପ୍ରଦାୟର ଉତଥାନ, ଟୀକା ଗୋବିନ୍ଦଚନ୍ଦ୍ରରେ ସାମାଜିକ ପ୍ରତିବଦ୍ଧତା, ଗୋରଖ ନାଥଙ୍କ ସ୍ୱର୍ଶ ଚିକିତ୍ସା,କେନ୍ଦରା ବାଦ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । କେନ୍ଦରା ବାଦ୍ୟର ପାରମ୍ପରିକତା ହଜି ଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା ।

## ସ୍ଲୁଇସ୍‌ଗେଟ୍ ନିର୍ମାଣକୁ ବନ୍ଦ କଲେ ଚାଷୀ

**ମହାକାଳପଡ଼ା,୨୦।୩ (ଡି.ଏନ୍.ଏ.)**


ନିର୍ମାଣାଧୀନ ସ୍ଲୁଇସ ଗେଟ୍ ।

- ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ
- ନିମ୍ନମାନର କାର୍ଯ୍ୟ ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ କୋଚିଲା ଗ୍ରାମ ନିକଟ ଗୁପ୍ତଗିରି- ବାରାଖିଆ ପାଟନାଳି ମୁହଁରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ଚାଲିଛି । ସ୍ଥାନୀୟ ଚାଷୀଙ୍କ ବିରୋଧ ଯୋଗୁ ସେହି କାମ ବନ୍ଦ ହୋଇଯାଇଛି । ନିର୍ମାଣ କାର୍ଯ୍ୟରେ ନିମ୍ନମାନର ରଡ୍ ଓ ଚିପ୍‌ସ ବ୍ୟବହାର କରାଯାଉଛି । ଲୁଣାଜଳ, ବାଲିରେ ସେହି କାମ ଚାଲିଛି । ୮ ଏମ୍‌ଏମ୍ ରଡ୍‌ରେ ରିଙ୍ଗ୍ ହେବା କଥା। ହେଲେ ସେହି ରଡ୍‌ରେ ପିଲାର ଉଠୁଛି । କାମ ତଦାରଖ କରିବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୌଣସି ଯନ୍ତ୍ରୀ କିମ୍ବା ଅଧିକାରୀ ନିର୍ମାଣସ୍ଥଳକୁ ଆସୁନାହାନ୍ତି । ଫଳରେ ଶ୍ରମିକମାନେ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ, ଏହି ପାଟନାଳି ଦେଇ ଶତାଧିକ ହେକ୍ଟର ଜମିର ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ମହାନଦୀକୁ ନିଷ୍କାସିତ ହୋଇଥାଏ । ଅଧିକାଂଶ ସମୟରେ ବର୍ଷା ଓ ସମୁଦ୍ର ଜଳ ଜମିରେ ପ୍ରବେଶ କରି ଧାନ ଫସଲ ନଷ୍ଟ କରିଥାଏ । ଏଥିପାଇଁ ଏହି ସ୍ଲୁଇସ୍‌ଗେଟ ଦୃଢ଼ ହେବା ଆବଶ୍ୟକ । ହେଲେ ବିଭାଗୀୟ ଅଧିକାରୀ, ଠିକାଦାରଙ୍କ ବିନା ଉପସ୍ଥିତିରେ ନିମ୍ନମାନର କାମ ଚାଲିଥିବାରୁ ସ୍ଥାନୀୟ ଚାଷୀ ନିରାକାର ସ୍ୱାଇଁ, ଉପେନ୍ଦ୍ର ସ୍ୱାଇଁ, ଅଶୋକ ରାଉତ, ରଞ୍ଜନ ବେହେରା, ବୀରବର ସ୍ୱାଇଁ, କଳ୍ପତରୁ ସ୍ୱାଇଁ, ସୁବାସ ସ୍ୱାଇଁଙ୍କ ସମେତ ବହୁ ଚାଷୀ ସେହି କାମକୁ ବନ୍ଦ କରିଦେଇଛନ୍ତି । ସୂଚନାଯୋଗ୍ୟ, ଯାଜପୁର ଜିଲା ବଡ଼ଚଣାର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଏହି କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି ।

# ୧୦ ହଜାର ହେକ୍ଟର ଜମିରେ ତରଭୁଜ ଚାଷ

**କେନ୍ଦ୍ରାପଡ଼ା ଅଫିସ, ୨୦।୩**


କେନ୍ଦ୍ରାପଡ଼ା ଗୋପହାଟରେ ବିକ୍ରି ପାଇଁ ଗଦା ହୋଇଥିବା ତରଭୁଜ ।

**କେନ୍ଦ୍ରାପଡ଼ା ଜିଲା**
- ଖରାଦିନରେ ମିଳୁଛି ଭରପୂର ପ୍ରୋଟିନ୍
- ଉପଯୁକ୍ତ ଜଳସେଚନ ଓ ତାଲିମ ବ୍ୟବସ୍ଥା ପାଇଁ ଦାବି

ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି । ପ୍ରତି ଛକ, ବଜାରରେ ଏବେ ତରଭୁଜ ବିକ୍ରି ଚାଲିଛି । ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ତରଭୁଜ ଚାଷ ହୋଇଛି। ଚାଷ ପାଇଁ ସରକାରୀ ବିହନରେ ସବ୍‌ସିଡି ଯୋଗାଇ ଦିଆଯାଉଛି । ତେବେ ଜଳସେଚନ ଓ ତାଲିମ ବ୍ୟବସ୍ଥା ନ ଥିବାରୁ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି । ତରଭୁଜ କେବଳ ଚଟ୍‌ପଟି ଖାଦ୍ୟ ନୁହେଁ, ବରଂ ଏଥିରେ ଭରପୂର ପ୍ରୋଟିନ୍ ରହିଛି ବୋଲି ଗବେଷକ କହିଛନ୍ତି ।

ଏ ସମ୍ପର୍କରେ ସିଂହଗାଁର ପୂର୍ବତନ ସରପଞ୍ଚ ତଥା ଚାଷୀ ନିର୍ମଳ ମଲ୍ଲିକ କହିଛନ୍ତି, ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ମଧ୍ୟ ବଢ଼ିଛି । ଚଳିତବର୍ଷ ଆଳି, ରାଜକନିକା, ରାଜନଗର, ଗରଦପୁର, ଡେରାବିଶ, ମହାକାଳପଡ଼ା ଆଦି ବ୍ଲକ ଅଞ୍ଚଳର ନଦୀପଠାରେ ତରଭୁଜ ଚାଷ ହୋଇଛି । ଦୁଇ ସପ୍ତାହ ପୂର୍ବରୁ ଫସଲ ଉତ୍ପାଦନ ଆରମ୍ଭ ହୋଇଛି । ପୂର୍ବରୁ କୁଇଣ୍ଟାଲ ପିଛା ଦର ଅଢ଼େଇ ହଜାର ଟଙ୍କା ଥିବା ବେଳେ ଏବେ ଏହାର ମୂଲ୍ୟ ବୃଦ୍ଧି ହୋଇ ୩ ହଜାର ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଫସଲରୁ ଇତିମଧ୍ୟରେ ୮ କୁଇଣ୍ଟାଲ ତରଭୁଜ ବିକ୍ରି ହୋଇ ସାରିଛି। ପ୍ରାକୃତିକ ବିପର୍ଯ୍ୟୟ ନ ହେଲେ ପ୍ରାୟ ୩୦ କୁଇଣ୍ଟାଲ ତରଭୁଜ ବିକ୍ରିର ସେ ଆଶା ରଖିଛନ୍ତି । ତେବେ ଏହି ଅର୍ଥକରୀ ଫସଲ ପାଇଁ ନଦୀର ଅତି ନିକଟ ପଠା ବ୍ୟତୀତ ଅନ୍ୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ । ସେହିପରି ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆତ୍ମା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି।

ରାଜନଗରର ମା'ଶକ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ପ୍ରଣତି ଦାସ କହିଛନ୍ତି, ଚଳିତବର୍ଷ ଗୋଷ୍ଠୀ ପକ୍ଷରୁ ଆରମ୍ଭ ହୋଇଥିବା ତରଭୁଜ ଚାଷ ଆଗକୁ ବଢ଼ିବାର ସାହସ ଯୋଗାଇଛି । ମିଳିମିଶି ସଦସ୍ୟାମାନେ ରକ୍ଷଣାବେକ୍ଷଣ କରିବା ପରେ ଏହାର ଲାଭ ଆମକୁ ମିଳୁଛି । ଏହି ଚାଷ ପାଇଁ ଆମେ ସ୍ୱାବଲମ୍ବୀ ହୋଇପାରିଛୁ ବୋଲି ସମ୍ପାଦିକା ଦାସ କହିଛନ୍ତି। ସହରର ଗୋପସ୍ଥିତ ବ୍ୟବସାୟୀ ମହମ୍ମଦ ଇଲିଆସ୍ କହିଛନ୍ତି, ଖରା ବଢ଼ିବାରୁ କାକୁଡି ଓ ତରଭୁଜ ବେପାର ବଢ଼ିଛି । ପୂର୍ବରୁ ତରଭୁଜ ବାହାର ଜିଲାରୁ ଆମଦାନୀ କରାଯାଉଥିଲା । ଚଳିତବର୍ଷ ଜିଲାରେ ହୋଇଥିବା ତରଭୁଜକୁ ସଂଗ୍ରହ କରୁଛୁ । ଏହାଦ୍ୱାରା ପରିବହନ ଖର୍ଚ୍ଚ କମ୍ ପଡୁଛି ।

ତରଭୁଜ ସମ୍ପର୍କରେ ଗବେଷଣା କରୁଥିବା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ତରଭୁଜରେ ଭରପୂର ପ୍ରୋଟିନ୍ ରହିଛି । ଏହା ଆମ ପାଇଁ ରୋଗ ପ୍ରତିଶେଧକ ରୂପେ କାର୍ଯ୍ୟ କରୁଛି । ଗୋଟିଏ କପ୍ ତରଭୁଜ ରସରେ ୧୫୪ ମିଲିଗ୍ରାମର ପୋଷକ ତତ୍ତ୍ୱ ରହିଛି । ଗୋଟିଏ ତରଭୁଜରେ ପ୍ରାୟ ୯୨% ପାଣି ରହୁଥିବାରୁ ଗରମରୁ ତ୍ରାହି ମିଳୁଛି। ଏହାବ୍ୟତୀତ ଏଥିରେ ଥିବା ଭିଟାମିନ୍ ଏ, ସି, ପୋଟାସିୟମ, ମେଗ୍ନାସିୟମ, ଜିଙ୍କ୍, କ୍ଲୋରୋଫିଲ, ଲାଇକୋପିନ, ଏମିନୋ ଏସିଡ୍, ଫେନୋଲିକ ଆଦି ତତ୍ତ୍ୱ ରହିଛି । ତରଭୁଜ ଖାଇବା ପରେ ଚୋପା ଫୋପାଡ଼ି ଦିଆଯାଉଛି । ତେବେ ଏହି ଚୋପାରେ ବ୍ଲଡପ୍ରେସର କମାଇବା ଶକ୍ତି ଥିବାବେଳେ ଶରୀର ଓଜନ କମାଇବାରେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ କନ୍ଦ ଜେନା ପ୍ରକାଶ କହିଛନ୍ତି, ଚଳିତବର୍ଷ ତରଭୁଜ ଚାଷ ପାଇଁ ସବ୍‌ସିଡି ଦିଆଯାଇଛି। ପୂର୍ବରୁ ଏହି ଜିଲାରେ ମାତ୍ର ୨ ହଜାର ହେକ୍ଟର ଅଞ୍ଚଳରେ ତରଭୁଜ ଚାଷ ହେଉଥିବା ବେଳେ ଚଳିତବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୧ ମାର୍ଚ୍ଚ, ୨୦୨୧



**ଦୁର୍ଘଟଣାରେ ୩ ନାବାଳକ ଗୁରୁତର**

ଚଣ୍ଡିଖୋଲ,(ଡି.ଏନ.ଏ.): ଚଣ୍ଡିଖୋଲ ନିକଟ ଗାନ୍ଧୀଛକଠାରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟି ୩ ନାବାଳକ ଗୁରୁତର ହୋଇଛନ୍ତି। ଏକ ବାଇକ୍‌ରେ ୩ଜଣ ନାବାଳକ ପାରାଦୀପ ଆଡୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିଲାବେଳେ ଗାନ୍ଧୀଛକ ନିକଟରେ ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇଯାଇଥିଲେ। ଏମାନଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାବାଳକଙ୍କୁ ଗାଡ଼ି ଚଳାଇବା ପାଇଁ ନିଷେଧ କରାଯାଇଛି। ତେବେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ କଡ଼ା ଯାଞ୍ଚ ନ ହେବାରୁ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**ଧର୍ମଶାଳା,୨୦।୩ (ଡି.ଏନ.ଏ.)-** ଧର୍ମଶାଳା ଥାନା ଜାଲସୁଖା ରାସ୍ତାରେ ୧୭ ତାରିଖ ରାତିରେ ବଡ଼ମଙ୍ଗଳପୁର ଗ୍ରାମର ଦୀପକ ରଞ୍ଜନ ସାମଲଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏନେଇ ଅଭିଯୋଗ ହେବାପରେ ପୋଲିସ ଶନିବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଜାମୁବଣିଆ ଗ୍ରାମର ଆକାଶ ଗେଡ଼ି(୪୦), ଅଜିତ ଗେଡ଼ି(୨୧), ଭିବାନନ୍ଦ ଗେଡ଼ି(୨୦), ଗଣେଶ୍ୱର ଗେଡ଼ି (୨୩) ଓ ରାଜେଶ ଗେଡ଼ି(୨୩)। ଘଟଣାଦିନ ରାତି ପ୍ରାୟ ୯ ଟାରେ ଦୀପକ କୌଣସି କାମରେ ରାମକୋ କାରଖାନାକୁ ଯାଇ ଘରକୁ ଫେରୁଥିଲେ। ଜାଲସୁଖା ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଆସାମାଜିକ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦୀପକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ଅଭିଯୋଗ ଅନୁସାରେ ଥାନାରେ ମାମଲା (ନଂ.୧୪୪।୨୧) ରୁଜୁ ହୋଇଛି।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**କଳିଙ୍ଗନଗର,୨୦।୩ (ଡି.ଏନ.ଏ.)-** ବିଦ୍ୟୁତ୍ ବିଲ୍ ଆଦାୟ ଆଳରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟାସନଗରଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ନୂଆଗଡ ଗ୍ରାମର ବିଶ୍ୱନାଥ ଗୁରୁଙ୍କ ଘରକୁ ବିଦ୍ୟୁତ କର୍ମଚାରୀ ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ଯାଇଥିଲେ। ବିଶ୍ୱନାଥଙ୍କ ଅନୁପସ୍ଥିତରେ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମାର୍ଚ୍ଚମାସ ଯାଏଁ ତାଙ୍କର ମୋଟ ବାକିଆ ବିଲ ୭୨୮୧ ଟଙ୍କାରୁ ୨୦୦୦ ଟଙ୍କା ପୈଠ କରିଥିଲେ। ଏହାକୁ ନେଇ ବିଦ୍ୟୁତ୍ କର୍ମଚାରୀ ଓ ମହିଳାଙ୍କ ମଧ୍ୟରେ ବଚସା ହୋଇ ପରେ ବିବାଦ ଘନିଭୂତ ହୋଇଥିଲା। ଅନ୍ୟପକ୍ଷେ ଯାଜପୁରରୋଡ ନେସ୍କୋ ଏସଡିଓ ପାର୍ଥସାରଥି ଦାସ କହିଛନ୍ତି, ସ୍ୱର୍ଣ୍ଣପ୍ରଭାଙ୍କ ଘରକୁ ବିଦ୍ୟୁତ କର୍ମଚାରୀ ତାରିଣୀ ରାଉତ ଦେୟ ଆଦାୟ କରିବାକୁ ଯାଇଥିବାବେଳେ ସେଠାରେ ତାଙ୍କୁ ମାଡ଼ ମରାଯାଇଥିଲା। ଏହି ଖବର ଶୁଣିବା ପରେ ବିଭାଗ ପକ୍ଷରୁ ସମାଧାନ କରିବାକୁ ବିଭାଗୀୟ କର୍ମଚାରୀମାନେ ସେଠାକୁ ଯାଇଥିଲେ। ତେବେ ସମାଧାନ ପରିବର୍ତ୍ତେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ପ୍ରକାଶ କରିଛନ୍ତି।

### କୁଆଁରପୁର ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କଲେ ଉଦୟନାଥ



**ଯାଜପୁର ଟାଉନ,୨୦।୩ (ଡି.ଏନ.ଏ.)-** ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଚମ୍ପେଇପାଳ ଗ୍ରାମପଞ୍ଚାୟତ କୁଆଁରପୁର ସରକାରୀ ବିଦ୍ୟାଳୟକୁ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ୍ ଅଥରିଟି (ଓସେପା) ଉପନିର୍ଦ୍ଦେଶକ ଉଦୟନାଥ ମାଝି ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ମାଝି ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଭାବେ ପରିଗଣିତ। ଏହି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବାରୁ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଜେନା, ଦିଲୀପ କୁମାର କର, ବିଦ୍ୟାଳୟ କମିଟି ସଦସ୍ୟ ଜୟନ୍ତ କୁମାର ନାୟକଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ମାଝିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଖର୍ଚ୍ଚ ହୋଇପାରୁନି ଅନୁଦାନ

**ବରୀ,୨୦।୩(ଡି.ଏନ.ଏ.)**





- ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ
- କାର୍ଯ୍ୟ ଆରମ୍ଭ ନ ହେବାରୁ ବଢୁଛି ଅସନ୍ତୋଷ
- ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ

ସରକାର ଗ୍ରାମାଞ୍ଚଳଗୁଡ଼ିକର ବିକାଶ ନିମନ୍ତେ କୋଟିକୋଟି ଟଙ୍କା ଅନୁଦାନ ଦେଉଛନ୍ତି। ମାତ୍ର ଏହା ଠିକ୍‌ରେ ବିନିଯୋଗ ହୋଇ ପାରୁନାହିଁ। ଯାହା ଦେଖିବାକୁ ମିଳିଛି ବରୀ ବ୍ଲକ ଅଞ୍ଚଳରେ। ୨୪।୧୧।୧୮ରେ ରାଜ୍ୟ ସରକାର ପତ୍ର ସଂଖ୍ୟା:୨୨୬୧୭ରେ 'ଆମ ଗାଁ ଆମ ବିକାଶ' ଯୋଜନାରେ ବରୀ ବ୍ଲକ୍‌ର ସମସ୍ତ ପଞ୍ଚାୟତରେ କମ୍ୟୁନିଟି ସେଣ୍ଟର ନିର୍ମାଣ ନିମନ୍ତେ ୩ କୋଟି ୧୮ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରାଶିରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାଦେଶ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଥିଲା। ମାତ୍ର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ରାଜନୈତିକ ବ୍ୟକ୍ତିଙ୍କ ଆୟୁଧ ଉକ୍ତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଅନେକ ସ୍ଥାନରେ ଏହି କାର୍ଯ୍ୟ ହୋଇ ପାରି ନ ଥିଲା। ଅନେକ ସ୍ଥାନରେ ଅନ୍ୟ ଅର୍ଦ୍ଧନିର୍ମିତ ପ୍ରକଳ୍ପ ଉପରେ ଉକ୍ତ ଅର୍ଥ ବିନିଯୋଗ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏକ ଅଭିଯୋଗକୁ ଭିତ୍ତିକରି ଜିଲା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ମଧ୍ୟ ନିଲମ୍ବନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ଯୋଜନାରେ ମଞ୍ଜୁର ହୋଇଥିବା ବହୁ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ଉଦାହରଣ ସ୍ୱରୂପ ବାଲିବିଲି ପଞ୍ଚାୟତର ଜଗନ୍ନାଥ କମ୍ୟୁନିଟ୍ ସେଣ୍ଟର, ମହାକାଳୀ କମ୍ୟୁନିଟ୍ ସେଣ୍ଟର ଭଳି କାର୍ଯ୍ୟାଦେଶ ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ହୋଇ ପାରିନାହିଁ। ନିକଟରେ ମୁଖ୍ୟ ଶାସନ ସଚିବ ଯାଜପୁର ଜିଲା ଗସ୍ତ କରି ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅର୍ଥକୁ ତୁରନ୍ତ କାର୍ଯ୍ୟରେ ଲଗାଇବା ଓ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶକୁ ଅଧସ୍ତନ କର୍ମଚାରୀ ପାଳନ କରି ଦୀର୍ଘ ଦିନ ଧରି ପଡ଼ିରହିଥିବା କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରିବେ ତାହା ଦେଖିବାକୁ ଅପେକ୍ଷା। ଏ ସମ୍ପର୍କରେ ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି, ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ସ୍ଥାନ ଗୋଚର ଓ ବ୍ୟକ୍ତିଗତ ଜାଗା ହୋଇଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେବେ ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

## ଭାଜପା, କଂଗ୍ରେସ ବିରୋଧରେ ବିକ୍ଷୋଭ

**ଚଣ୍ଡିଖୋଲ,୨୦।୩ (ଡି.ଏନ.ଏ.)**

**ପଣସୁଧା ଗୋଷ୍ଠୀ ସଂଘର୍ଷ, ପୋଲିସ ଗାଡ଼ି ପୋଡ଼ି ମାମଲା**



ଥାନା ଆଗରେ ବିଜେଡି ମହିଳା ମୋର୍ଚ୍ଚା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧା ଗ୍ରାମରେ ୬ତାରିଖରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ମାମଲା ପରେ ଏବେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ରାଜନୈତିକ ଡ୍ରାମା ଆରମ୍ଭ ହୋଇଛି। ୧୮ ତାରିଖରେ ବଡ଼ଚଣା ଭାଜପା ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭରତପୁର ସରପଞ୍ଚଙ୍କ ସ୍ୱାମୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଭାଜପା ଦାବି କରିଥିଲା। ତେବେ ଏହି ଘେରାଉ ସମୟରେ ମହିଳାଙ୍କ ପ୍ରତି ଆପତିଜନକ ମନ୍ତବ୍ୟ ଦେବା ଓ ମହିଳା ପ୍ରତିନିଧିଙ୍କୁ ଅସମ୍ମାନ କରି ଭାଷଣ ପ୍ରଦାନ କରିବା ଅଭିଯୋଗରେ ଶନିବାର ବଡ଼ଚଣା ମହିଳା ବିଜେଡି ମୋର୍ଚ୍ଚା ପକ୍ଷରୁ ଥାନା ଘେରାଉ ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମହିଳା ସରପଞ୍ଚଙ୍କ ଉଦେଶ୍ୟରେ ଭାଜପା ନେତାମାନେ ଆଶାଳୀନ ତଥା ଅରୁଚିକର ମନ୍ତବ୍ୟ ଦେବା ନେଇ ମହିଳା କର୍ମୀମାନେ ଗର୍ଜନ କରିଥିଲେ। ବିଜେଡି ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଜିଲା ପରିଷଦ ସଭ୍ୟା ସୁମତୀ ବାସ୍କେ, ସରପଞ୍ଚ ଚାଚାଲିନ୍ ସ୍ୱାଇଁ, ହରପ୍ରିୟା ବରାଳ, ସାଗରିକା ନାୟକ ପ୍ରମୁଖ ଭାଜପା ଓ କଂଗ୍ରେସ ବିରୋଧରେ ବର୍ଷିଥିଲେ। ଏପରି କି ୮ ତାରିଖରେ କଂଗ୍ରେସ ତରଫରୁ କରାଯାଇଥିବା ଖବରଦାତା ସମ୍ମିଳନୀରେ ମହିଳା ପ୍ରତିନିଧିଙ୍କୁ ଅସମ୍ମାନିତ କରି ମନ୍ତବ୍ୟ ଦିଆଯାଇଥିବା ନେଇ ମହିଳା କର୍ମୀ ଅଭିଯୋଗ କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଶତାଧିକ ମହିଳା ବାଲିଚନ୍ଦ୍ରପୁର କଲେଜ ଛକ ନିକଟରୁ ଏକ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ।

## ନିମ କଢ଼ ବିକି ଘର ଚଳାଉଛନ୍ତି ୩ ଝିଅ

**ଯାଜପୁର ଟାଉନ,୨୦।୩(ଡି.ଏନ.ଏ.)**



୩ ଝିଅ ନିମକଢ଼ ବିକ୍ରି କରୁଛନ୍ତି।

ଯେଉଁ ବୟସରେ ସାଙ୍ଗସାଥିଙ୍କ ସହ ହସିଖେଳି ସ୍କୁଲ ଯିବା କଥା ସେହି ବୟସରେ ୩ ଆଦିବାସୀ ନାବାଳିକା ନିମକଢ଼ ବିକି ପରିବାର ପ୍ରତିପୋଷଣ କରୁଛନ୍ତି। ପେଟ ନିକଟରେ ହାର ମାନିଛି ଶୈଶବ। ଏମାନଙ୍କ ଉପରେ ଲଦି ଦିଆଯାଇଛି ପରିବାର ପ୍ରତିପୋଷଣ ବୋଝ। ଯାଜପୁର ସହରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ସହରର ୧ନଂ ୱାର୍ଡରେ ରହୁଥିବା ଆଦିବାସୀ(ଅନୁସୂଚିତ ଜନଜାତି) ସମ୍ପ୍ରଦାୟ ପରିବାରଙ୍କ ମଧ୍ୟରୁ କେତେଜଣ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନେକ ପରିବାରର କୁନିକୁନି ପିଲାଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗାଇ ରୋଜଗାର କରାଯାଉଛନ୍ତି। ସହରର ବଡ଼ବଜାରଠାରେ ରାଜକୁମାରୀ ସିଂହ (୭), ଚୁନିସିଂହ (୮) ଓ ଲକ୍ଷ୍ମୀ ବଦରା(୭) ପ୍ରତ୍ୟେକ ଦିନ ନିମ୍ବ ପିତା, ସଜନା ଶାଗ ଓ ସଜନା ଛୁଇଁ ଆଦି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଦେଖାଯାଇଛି। ପ୍ରତ୍ୟେକ ଦିନ ସକାଳୁ ସାମଗ୍ରୀ ବିକ୍ରି କରି

**ବନ୍ଧା ପଡ଼ିଛି ଶୈଶବ**

ପରିବାରକୁ ଅର୍ଥ ଦେବାପରେ ସେମାନଙ୍କ ପରିବାର ଖାଇପିଇ ପାରନ୍ତି ବୋଲି ପିଲାମାନେ କହିଛନ୍ତି। ଏହି ପିଲାମାନେ ବରାହନାଥ ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀ ଛାତ୍ରୀ। ତେବେ ସ୍କୁଲ ବନ୍ଦ ଥିବାରୁ ସେମାନଙ୍କ ବାପା ମା' ଏହି ସବୁ କାର୍ଯ୍ୟରେ ଲଗାଇଥାନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଦିନକୁ ପ୍ରାୟ ୨ଶହରୁ ୩ଶହ ଟଙ୍କା ରୋଜଗାର କରି ନିଜ ପରିବାରକୁ ପ୍ରତିପୋଷଣ କରିଥାନ୍ତି। ଏହି ପିଲାମାନଙ୍କ ବ୍ୟତୀତ ଅନେକ ଶିଶୁ ଭିକ୍ଷାବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ପିଲାଙ୍କ ଉପାର୍ଜିତ ଅର୍ଥକୁ ନେଇ ବାପା ମା' ହାଣ୍ଡିଆ, ମଦ ପିଇ ମସଗୁଲ ହୋଇ ରୋଜଗାର କରୁ ନ ଥିବା ଶିଶୁମାନେ ଦୁଃଖର ସହ ପ୍ରକାଶ କରିଛନ୍ତି। ଏପରି କି ଆଣିଥିବା ସାମଗ୍ରୀ ବିକ୍ରି କରି ନ ପାରିଲେ ସେମାନଙ୍କୁ ମଧ୍ୟ ଖାଇବାକୁ ଦିଆଯାଇ ନ ଥାଏ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସହ ଯୋଗାଯୋଗ କରାଯିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

### ୬ଷ୍ଠ ବାର୍ଷିକ ସଂକୀର୍ତ୍ତନ ସମାରୋହ

**ବିଞ୍ଝାରପୁର,୨୦।୩(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ଗୌଡ଼ସାହିର ଚାନ୍ଦ ସଙ୍କୀର୍ତ୍ତନ ମଣ୍ଡପରେ ଚଳିତ ବର୍ଷ ୬ଷ୍ଠ ବାର୍ଷିକ ସଙ୍କୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣ କେଶରାକେଶରୀ ଯୁଗଳ ମୂର୍ତ୍ତି ଆବାହନ କରାଯାଇ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଏହି ସଙ୍କୀର୍ତ୍ତନ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲାବେଳେ ବହୁ ଶ୍ରଦ୍ଧାଳୁ ସନ୍ଧ୍ୟାରେ ଯୋଗଦେଇ ସଙ୍କୀର୍ତ୍ତନମଣ୍ଡଳୀକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ଚାନ୍ଦ, ପୀତବାସ ଚାନ୍ଦ, ବୈକୁଣ୍ଠନାଥ ଦାସ, ଉମେଶ ବାରିକ, ପ୍ରକାଶ ଚାନ୍ଦ ଓ ଆନନ୍ଦ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

### ବାଲ୍ୟ ବିବାହ ସମ୍ପର୍କିତ କର୍ମଶାଳା ପାଇଁ ପ୍ରସ୍ତୁତି

**ରସୁଲପୁର,୨୦।୩ (ଡି.ଏନ.ଏ.)**

ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଏପ୍ରିଲ ମାସରେ ବ୍ରହ୍ମବରଦାଠାରେ ବାଲ୍ୟ ବିବାହ ଓ ଅସହାୟ ମହିଳାଙ୍କୁ ନ୍ୟାୟ ପ୍ରଦାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେବ। ଅଞ୍ଚଳରେ ବାଲ୍ୟ ବିବାହ ଓ ଅସହାୟ ମହିଳାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଏ ଦିଗରେ ଜନସଚେତନତା ସୃଷ୍ଟି କରିବାରେ ପ୍ରଶାସନ ବିଫଳ ହୋଇଛି। ତେଣୁ ଉକ୍ତ ବର୍ଗର ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆଇନରେ ଥିବା ବ୍ୟବସ୍ଥା ଓ ଏହାକୁ କମାଇବା ପାଇଁ ଜନସଚେତନତା ସୃଷ୍ଟି କରିବା ଦିଗରେ ଫୋରମ ପକ୍ଷରୁ ଏହି ପ୍ରୟାସ କରାଯାଇଛି। କର୍ମଶାଳା ବ୍ରହ୍ମବରଦା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ଅଙ୍ଗନୱାଡ଼ି, ଆଶାକର୍ମୀ, ପୋଲିସ, ଖବରଦାତା, ଆଇନଜୀବୀ, ବୁଦ୍ଧିଜୀବୀ, ଶିଶୁ ସୁରକ୍ଷା ଅଧିକାରୀ ଓ ମହିଳା ସାମିଲ ହେବେ। ରାଜ୍ୟସ୍ତରର ସାମାଜିକ କର୍ମୀ, ଖବରଦାତା, ପୋଲିସ, ନ୍ୟାୟାଧିଶମାନେ ଯୋଗଦେଇ ଆଇନ ଖିଲାପକାରୀଙ୍କ ବିରୋଧରେ ଥିବା ବିଧିବ୍ୟବସ୍ଥା ସମ୍ପର୍କରେ ମତ ରଖିବେ। ଏନେଇ ଅନୁଷ୍ଠିତ ବୈଠକରେ ଫୋରମ ଉପଦେଷ୍ଟା ଦେବୀ ପ୍ରସନ୍ନ ନାୟକ, ପ୍ରଦୀପ ଦାସ, ଅମୀୟ ପରିଡ଼ା ଓ ମଣ୍ଟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ରଞ୍ଜିତ ରାଉତ ଅଧ୍ୟକ୍ଷତା କରିଥିଲେ। ବାପୁଜୀ ଚରଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସ୍ମିତିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

## ଟାଇୱାନ ଗସ୍ତ ପୂର୍ବରୁ ଜଳିଗଲା ଘର



ଅଜିତେଶ ଧଳଙ୍କ ଘର ଜଳିଯାଇଛି।

**ଯାଜପୁର ଟାଉନ,୨୦।୩ (ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ତାଉଁତରା ଧଳସାହିରେ ଅଗ୍ନିକାଣ୍ଡ ଘଟି ଅଜିତେଶ ଧଳଙ୍କ ଘର ଜଳିଯାଇଛି। ଫଳରେ ଘରେ ଥିବା ସମସ୍ତ କାଗଜପତ୍ର, ପାସପୋର୍ଟ, ସାର୍ଟିଫିକେଟ ସମେତ ଟଙ୍କା ପଇସା ଓ ପିନ୍ଧାଲୁଗା ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କିଛି ସମୟ ପୂର୍ବରୁ ଅଳ୍ପକିଛି କାଗଜପତ୍ର ଧରି ଅଜିତେଶ ଜିଲାପାଳଙ୍କ ଅଫିସକୁ ଯାଇଥିବାରୁ ତାହା ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି। ମାତ୍ର ବିଦେଶ ଯାତ୍ରା ପାଇଁ ଥିବା ପାଠ୍ୟକ୍ରମର ପ୍ରମାଣପତ୍ର ପାଉଁଶ ହୋଇଯାଇଛି। କର୍କଟ ଓ ଏଣ୍ଡୋମେଟ୍ରିଓସିସ୍ ସନ୍ଦର୍ଭ ଉପରେ ଗବେଷଣା କରିବା ସହିତ ଏହି ବିପଦଜନକ ରୋଗର ନିରାକରଣ ପାଇଁ ନୂତନ ଟେକ୍ନୋଲୋଜି ଓ ଭେଷଜ ଉଦ୍ଭାବନ କରିବାର ଲକ୍ଷ୍ୟ ରଖିଛନ୍ତି ଛାତ୍ର ଅଜିତେଶ। ଏଥିପାଇଁ ଆସନ୍ତା ୩୦ରେ ସେ ଟାଇୱାନ୍ ଯାଇଥାନ୍ତେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କଠାରୁ ଆରମ୍ଭ କରି ବିଭିନ୍ନ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଅଜିତେଶଙ୍କୁ ବଧେଇ ଜଣାଇଥିଲେ।

**ସମସ୍ତ ସହଯୋଗ ପାଇଁ ପ୍ରଶାସନର ପ୍ରତିଶ୍ରୁତି**

ଏଭଳି ପରିସ୍ଥିତିରେ ସେ ହତଭାଗ ହୋଇପଡ଼ିଛନ୍ତି। ତଥାପି ସେ ଭରଷା ନ ହରାଇ ଲକ୍ଷ୍ୟପଥରେ ଆଗେଇ ଯିବା ପାଇଁ ଲାଗିପଡିଛନ୍ତି। ଗୃହଦାହରେ ସାର୍ଟିଫିକେଟ ପୋଡିଯିବା ନେଇ ଅଜିତେଶ ଗୌହାଟୀ ବିଶ୍ୱବିଦ୍ୟାଳୟ ବିଭାଗୀୟ ମୁଖ୍ୟଙ୍କୁ ଜଣାଇବା ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପୋଡି ଯାଇଥିବାର ସାର୍ଟିଫିକେଟ ନ କଲ ତୁରନ୍ତ ପ୍ରସ୍ତୁତ କରିଦିଆଯିବ ବୋଲି ଆଶ୍ୱାସନା ଦିଆଯାଇଥିବା ଶୁଣିବାକୁ ମିଳୁଛି। ଘର ପୋଡି ଯାଇଥିବାରୁ ମୁଣ୍ଡ ଗୁଞ୍ଜିବା ତାଙ୍କ ପକ୍ଷେ ସମସ୍ୟା ଭାବେ ଉଭା ହୋଇଛି। ମାତ୍ର ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ଜିଲାପାଳ ରାଠୋର ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳ ଘଟଣା ସମ୍ପର୍କରେ ଖବର ପାଇ ତତକ୍ଷଣାତ୍ ସ୍ଥାନୀୟ ତହସିଲଦାର ଓ ଅନ୍ୟମାନଙ୍କୁ ପଠାଇ ତାଙ୍କୁ ଘର ଯୋଗାଇ ଦେବାସହ ଅନ୍ୟ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି।

## ଧର୍ମଶାଳା କଲେଜ ନୂତନ ଗୃହ ଉଦ୍‌ଘାଟିତ



କଲେଜ କାର୍ଯ୍ୟାଳୟ ନୂତନ ଗୃହକୁ ବ୍ଲକ ଅଧ୍ୟକ୍ଷ ଉଦ୍‌ଘାଟନ କରୁଛନ୍ତି।

**ଧର୍ମଶାଳା,୨୦।୩ (ଡି.ଏନ.ଏ.)**

ଧର୍ମଶାଳା ମହାବିଦ୍ୟାଳୟରେ ନୂତନଭାବେ ନିର୍ମାଣ ହୋଇଥିବା କାର୍ଯ୍ୟାଳୟ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ତପନ କୁମାର ମିଶ୍ର ଅଧ୍ୟକ୍ଷତା କରି କଲେଜର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ଶିକ୍ଷାବିତ ଡ. ପ୍ରିୟନାଥ ମହାପାତ୍ର, ସମିତି ସଭ୍ୟ ଜଳଧର ସାହୁ, ବିଜେଡି ମିଡିଆସେଲ ଅଧ୍ୟକ୍ଷ ସଂଗ୍ରାମ ଜେନା, ଉତ୍କଳ ଦାସ, କୁମାରୀ ସରପଞ୍ଚ କବିତା ବେହେରା, ଯୁବ ସଙ୍ଗଠକ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଜୟନ୍ତ ସାହୁ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଦେଇଥିଲେ।

## ଅନ୍ନପୂର୍ଣ୍ଣା ଶିଶୁ ଅନୁଷ୍ଠାନକୁ କମ୍ପ୍ୟୁଟର ପ୍ରଦାନ

**ଯାଜପୁର ରୋଡ,୨୦।୩(ଡି.ଏନ.ଏ.)**

ଯାଜପୁର ରୋଡ୍‌ସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନକୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ସାମାଜିକ ଦାୟିତ୍ୱବୋଧ ବା ସିଏସ୍ଆର କାର୍ଯ୍ୟକ୍ରମ ମାଧ୍ୟମରେ ଶୁକ୍ରବାର ଏହା ପ୍ରଦାନ କରାଯାଇଛି। ଇମ୍ଫାର ଲୋକସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଜଗନ ମୋହନ ମଲ୍ଲିକ ଏହି କମ୍ପ୍ୟୁଟର ଓ ଅନ୍ୟ ଉପକରଣକୁ ଅନୁଷ୍ଠାନର ମୁଖ୍ୟ ତଥା ନିଶ୍ୱ ଅନୁଷ୍ଠାନର ନିର୍ଦ୍ଦେଶକ ପବିତ୍ର ମୋହନ ସାହୁଙ୍କୁ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ଇମ୍ଫାର ଲୋକ ସମ୍ପର୍କ ବିଭାଗ ବରିଷ୍ଠ ଅଧିକାରୀ ମିଳନ ରଞ୍ଜନ କର ଓ ସହକାରୀ ଅଧିକାରୀ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। କମ୍ପ୍ୟୁଟର ଦ୍ୱାରା ଅନୁଷ୍ଠାନର ରେକର୍ଡ ପତ୍ରକୁ ସୁରକ୍ଷିତ ରଖାଯିବା ସହ ପିଲାମାନେ ମଧ୍ୟ କମ୍ପ୍ୟୁଟର ଶିକ୍ଷା ଲାଭ କରିପାରିବେ ବୋଲି ମଲ୍ଲିକ ଆଶା ବ୍ୟକ୍ତ କରିଥିଲେ।

## ଲୋକ ସଭାରେ ବୌଦ୍ଧ କୀର୍ତ୍ତିରାଜିର ବିକାଶ ଦାବି

**ଯାଜପୁର ଅଫିସ,୨୦।୩**



ବୌଦ୍ଧ କୀର୍ତ୍ତିରାଜି।

ଲୋକସଭାର ଶୂନ୍ୟ କାଳରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଜିଲାର ପର୍ଯ୍ୟଟନ ଓ ବୌଦ୍ଧ କୀର୍ତ୍ତିରାଜିଗୁଡିକର ବିକାଶ ଦାବି କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି, ରାଜ୍ୟରେ ୨୦୦ରୁ ଅଧିକ ବୌଦ୍ଧ କୀର୍ତ୍ତିରାଜି ରହିଛି। ସପ୍ତମ ଶତାବ୍ଦୀରେ ହୁଏଂସା ଏହି ବୌଦ୍ଧି ସ୍ଥାନଗୁଡିକ ପରିଦର୍ଶନରେ ଆସିଥିଲେ। ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ରତ୍ନଗିରି, ଉଦୟଗିରି ଓ ଲଳିତଗିରି କୋଣାର୍କ ସୂର୍ଯ୍ୟମନ୍ଦିର ପରି ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତା ପାଇବା ଉଚିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୌଦ୍ଧିସ୍ଥଳଗୁଡିକର ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି। ବିରଜାକ୍ଷେତ୍ର (ଆଧୁନିକ ଯାଜପୁର) ବୌଦ୍ଧ ପଦ୍ମପ୍ରଭା ଏବଂ ମହାଯାନ ବୌଦ୍ଧ ମାନଙ୍କ ଏକ ପବିତ୍ର ଭୂମି। ଯାଜପୁର ଜିଲାରେ ମହାଯାନ ପ୍ରାଚୀନ ସ୍ତୁପ ଏବଂ ସ୍ମୃତିର ଉପସ୍ଥିତି ଏହାର ଏକ ପ୍ରମାଣ। ଏତଦବ୍ୟତୀତ ଲାଙ୍ଗୁଡି, କାଏମା, ରାଧାନଗର, ରଜଗିରି, ନେଉଳପୁରର ଆଦି ସ୍ଥାନ ବୌଦ୍ଧ ଧର୍ମର ବିଶେଷ ମାନ୍ୟତା ରହିଛି। ଏହାସହ ନିର୍ବାଚନ କ୍ଷେତ୍ର ଯାଜପୁର ହେଉଛି ଆଦି ଶକ୍ତି ମା' ବିରଜାଙ୍କ ବାସସ୍ଥାନ। ଏହା ୫୨ ଶକ୍ତି ପୀଠ ମଧ୍ୟରୁ ଗୋଟିଏ। ପୁରୀ ପରେ ଛତିଆବଟ ଦ୍ୱିତୀୟ ଜଗନ୍ନାଥ ଧାମ ଭାବେ ପରିଚିତ। ମହାବିନାୟକ, ସପ୍ତମାତୃକା, ବରାହନାଥ, ନାରାୟଣ ଗୋସାଇଁ ମନ୍ଦିର, ବୁଦ୍ଧ ଗଣେଶ ମନ୍ଦିର ଆଦିର ବିକାଶ କରାଗଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଆହୁରି ପ୍ରସିଦ୍ଧି ଲାଭ କରିବ ବୋଲି ଏମ୍‌ପି ସେଠୀ ଦାବି କରିଛନ୍ତି।

इंडियन बैंक Indian Bank
इलाहाबाद ALLAHABAD

**ବାପୁଜୀ ନଗର ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ତା.୧୨.୦୩.୨୦୨୧ରିଖ**ରେ ରେଜିଷ୍ଟ୍ରେଡ ପୋଷ୍ଟ ମାଧ୍ୟମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :
**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ, ଓଡିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା)**, ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯
**(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ ।

**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋର୍ସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**

ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।
ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତି ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।
ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ ।

**ସୂଚୀ**

ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :
**ବନ୍ଧକଥିବା ସମ୍ପତ୍ତି : ଶ୍ରୀ ପଞ୍ଚାନନ ପଟ୍ଟନାୟକ**, ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ'**, ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅଭିବାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୪୦ (ଡମଣା)**, ଡିଏସ୍ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି: ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ - ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।
**ଆୟତ୍ତାଧିନ ସମ୍ପତ୍ତି :** ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍‌ଟ୍ସ ବ୍ୟାଙ୍କର ଆୟତ୍ତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

 କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)

